ଧରିତ୍ରୀ
DHARITRI

ମନ୍ ମିଜାଜ୍

ଗୁରୁବାର, ୨୩ ଅଗଷ୍ଟ, ୨୦୧୮



ଧରିତ୍ରୀ ଆଲାପ ୮

# ଇଣ୍ଟରନେଟ୍ ମାଧମରେ ପୁଣି ଯୋଡ଼ିହୋଇଛି ରେଡିଓ




ଦିନଥିଲା, ରେଡିଓ ଗଣ ଯୋଗାଯୋଗର ଏକ ପ୍ରମୁଖ ମାଧମ ଥିଲା। କିନ୍ତୁ ଟେଲିଭିଜନ ଲୋକପ୍ରିୟତା ପରେ ଏହାର ଚାହିଦା ହ୍ରାସ ପାଇବାକୁ ଲାଗିଲା। କିଛିବର୍ଷ ହେଲା ଟେଲିଭିଜନ ମଧ ଲୋକପ୍ରିୟତା ହରାଇଲାଣି। କାରଣ ବ୍ୟସ୍ତବହୁଳ ଜୀବନ ଭିତରେ ଟିଭି ଦେଖିବା ପାଇଁ କାହା ପାଖରେ ସମୟ ନାହିଁ। ଧୀରେ ଧୀରେ ଇଣ୍ଟରନେଟ୍‌ର ବହୁଳ ବ୍ୟବହାର ହେବାକୁ ଲାଗିଛି। ଏଭଳି ସ୍ଥିତିରେ ଇଣ୍ଟରନେଟ୍ ମାଧମରେ ରେଡିଓକୁ ସଂଯୋଗ କରିବା ପାଇଁ ପୂର୍ବରୁ ହୋଇଥିବା ଚେଷ୍ଟା ଏବେ ନୂଆ ଟ୍ରେଣ୍ଡ ସୃଷ୍ଟି କରିଛି। ୧୯୯୩ରେ ଆମେରିକାର ପ୍ରଯୁକ୍ତିବିତ୍ କାର୍ଲ ମାଲାମୁଡ ପ୍ରଥମେ ଏହି ଧାରଣା(କନସେପ୍ଟ)ର ଆବିଷ୍କର୍ତ୍ତା ଭାବେ ଉଭା ହୋଇଥିଲେ। ଇଣ୍ଟରନେଟ୍ ରେଡିଓକୁ ୱେବ୍ ରେଡିଓ, ଇ-ରେଡିଓ ବା ଅନ୍‌ଲାଇନ୍ ରେଡିଓ ମଧ କୁହାଯାଉଛି।

ଏହିଭଳି ଷ୍ଟେଶନ ଖୋଲିବା ସହଜ। ଏହା ବ୍ୟୟବହୁଳ ମଧ ନୁହେଁ। ଭାରତରେ ଅନ୍‌ଲାଇନ୍ ରେଡିଓ ଷ୍ଟେଶନ ଖୋଲିବା ପାଇଁ ପ୍ରାୟ ୫୦ହଜାର ଟଙ୍କା ଖର୍ଚ୍ଚ ହେଉଛି। ପାରମ୍ପରିକ ରେଡିଓ ଭଳି ଅନ୍‌ଲାଇନ୍ ରେଡିଓରେ ମଧ ନ୍ୟୁଜ୍, ବାର୍ତ୍ତା, ଗୀତ ଭଳି ସବୁ ପ୍ରକାର କାର୍ଯ୍ୟକ୍ରମ ପ୍ରସାରଣ ହୋଇପାରିବ। ସାରା ବିଶ୍ୱରେ ଦିନକୁ ଦିନ ଏହାର ଚାହିଦା ବୃଦ୍ଧି ପାଇବାରେ ଲାଗିଛି। ଯେହେତୁ ଏହାର ମୂଲ୍ୟ ଅଧିକ ନୁହେଁ, ତେଣୁ ଆଜିକାଲି ବିଭିନ୍ନ ଶିକ୍ଷାନୁଷ୍ଠାନ, କର୍ପୋରେଟ୍ ସଂସ୍ଥା, ବ୍ୟକ୍ତିଗତ ଭାବେ ଏଭଳି ରେଡିଓ ଷ୍ଟେଶନ ଖୋଲିବା ଦେଖାଯାଉଛି। ପରିସଂଖ୍ୟାନରୁ ଜଣାଯାଏ ଯେ, ଆମେରିକାର ୪୭% ଜନସାଧାରଣ ଅନ୍‌ଲାଇନ୍ ରେଡିଓ ଶୁଣୁଛନ୍ତି। ୧୯୯୦ର ଶେଷ ଭାଗକୁ ୟୁରୋପୀୟ ଦେଶରେ ଗଣମାଧମ ଓ ପୁଞ୍ଜି ନିବେଶକାରୀଙ୍କର ଦୃଷ୍ଟି ଆକର୍ଷଣ କରିବାରେ ଅନ୍‌ଲାଇନ୍ ରେଡିଓ ସକ୍ଷମ ହୋଇଥିଲା। ୨୦୦୩ ବେଳକୁ ଆମେରିକାରେ ଅନ୍‌ଲାଇନ୍ ରେଡିଓରେ ଗୀତ ପରିବେଷଣ କରାଯାଇ ୪୯ ମିଲିୟନ ଆମେରିକୀୟ ଡଲାର ଆୟ ହୋଇଥିଲା। ୨୦୦୬ରେ ତାହା ବୃଦ୍ଧି ପାଇ ୫୦୦ ମିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଥିଲା।

## ପ୍ରବାସୀ ଓଡ଼ିଆଙ୍କ ବେଶି ଆଗ୍ରହ

ଇଣ୍ଟରନେଟ୍ ରେଡିଓ କାର୍ଯ୍ୟକ୍ରମ ପ୍ରସାରଣ ପାଇଁ ଅତ୍ୟଧିକ ବୈଷୟିକ ଜ୍ଞାନକୌଶଳ ସମ୍ପନ୍ନ କର୍ମଚାରୀ ଓ ଷ୍ଟୁଡିଓର ଆବଶ୍ୟକତା ନ ଥାଏ। ଜଣେ ବ୍ୟକ୍ତି ଦ୍ୱାରା ଏହି ଷ୍ଟେଶନ ଚାଲିପାରିବ। ମାତ୍ର ୧୫ଦିନ ପ୍ରଶିକ୍ଷଣ ପରେ ଜଣେ ଏହି କାର୍ଯ୍ୟକୁ ସହଜରେ ପରିଚାଳନା କରିପାରିବ। କମ୍ପ୍ୟୁଟର ଓ ମୋବାଇଲ ଫୋନରେ ଇଣ୍ଟରନେଟ୍ ରେଡିଓର କାର୍ଯ୍ୟକ୍ରମ ସ୍ପଷ୍ଟ

ପୃ ୭

# ପଡ୍‌କାଷ୍ଟ



'ସ୍ମୋକ୍' ଏବଂ 'ଫଗ୍' ମିଶି ଯେଭଳି 'ସ୍ମଗ୍' ହୋଇଛି, ଠିକ୍ ସେଭଳି 'ଆଇପଡ୍' ଏବଂ 'ବ୍ରଡ୍‌କାଷ୍ଟ'ର ମିଶ୍ରଣରେ ସୃଷ୍ଟିହୋଇଛି 'ପଡ୍‌କାଷ୍ଟ'। ପ୍ରମୁଖ ଟେକ୍ନୋଲୋଜି ବ୍ରାଣ୍ଡ 'ଆପଲ୍'ର ଆଇପଡ୍‌ରେ ପ୍ରଥମେ ଏହି ପଡ୍‌କାଷ୍ଟ ଫିଚର ଆସିଥିବା ବେଳେ ଧୀରେ ଧୀରେ ଏହାର ଲୋକପ୍ରିୟତା ବଢ଼ିଛି। ଡିଜିଟାଲ ଅଡିଓ ଏବଂ ଭିଡିଓ ଫାଇଲ୍‌ର ଏକ ଏପିସୋଡିକ୍ ସିରିଜ୍‌କୁ ପଡ୍‌କାଷ୍ଟ ବୋଲି କୁହାଯାଉଥିବାବେଳେ ଏହାକୁ ନେଟ୍‌କାଷ୍ଟ ବୋଲି ମଧ କୁହାଯାଉଛି। ପଡ୍‌କାଷ୍ଟ ମୁଖ୍ୟତଃ ଅରିଜିନାଲ ଅଡିଓ ଏବଂ ଭିଡିଓ ରେକର୍ଡିଂ ହୋଇଥିବା ବେଳେ ଏହାକୁ ବ୍ୟବହାରକାରୀ ସିଧା ଇଣ୍ଟରନେଟ୍‌ରୁ ଡାଉନ୍‌ଲୋଡ୍ କରିବା ସହ ଶୁଣିପାରିବେ। ବେଳେବେଳେ ଟେଲିଭିଜନ ଏବଂ ରେଡିଓ ପ୍ରୋଗ୍ରାମ ସହ ବିଭିନ୍ନ ଇଭେଣ୍ଟ ବା କାର୍ଯ୍ୟକ୍ରମ, ପ୍ରଦର୍ଶନ କଳା ଏବଂ ବକ୍ତୃତାର ରେକର୍ଡେଡ୍ ବ୍ରଡ୍‌କାଷ୍ଟକୁ ମଧ ପଡ୍‌କାଷ୍ଟ ଭାବେ ବ୍ୟବହାର କରାଯାଏ। ଫାଙ୍କା ସମୟରେ ଟାଇମ୍‌ପାସ୍ କରିବା ତଥା କିଛି ଶିକ୍ଷଣୀୟ ଓ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମକୁ ଉପଭୋଗ କରିବାକୁ ଆଜିକାଲି ଟେଲିଭିଜନ ଏବଂ ୱେବ୍ ସିରିଜ୍ ଭଳି ଅନେକ ଲୋକ ପଡ୍‌କାଷ୍ଟ ସିରିଜକୁ ପସନ୍ଦ କରୁଛନ୍ତି। ଯେଉଁଥିପାଇଁ କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀର ଲୋକମାନଙ୍କ ମଧରେ ଏହାର ଲୋକପ୍ରିୟତା ଦିନକୁ ଦିନ ବଢୁଥିବା ଦେଖିବାକୁ ମିଳୁଛି।



ପୃ ୭

# ଇଣ୍ଟରନେଟ୍ ମାଧ୍ୟମରେ ପୁଣି ଯୋଡ଼ିହୋଇଛି ରେଡିଓ




ପ୍ରଥମ ପୃଷ୍ଠାରୁ...

ଶୁଣିହେବ। ପାରମ୍ପରିକ ରେଡିଓ ଷ୍ଟେଶନ ତୁଳନାରେ ଏଥିରେ କୌଣସି ଶବ୍ଦ ଓ ବାଧାବିଘ୍ନ ନ ଥାଏ। ଏହାକୁ ପରିଚାଳନା କିମ୍ବା ଶୁଣିବା ପାଇଁ ହାଇସ୍ପିଡ୍ ଇଣ୍ଟରନେଟ୍ ସଂଯୋଗର ମଧ୍ୟ ଆବଶ୍ୟକତା ନ ଥାଏ। ସାଧାରଣ ଇଣ୍ଟରନେଟ୍ ସଂଯୋଗ ଦ୍ୱାରା ବିଶ୍ୱର ସବୁ ସ୍ଥାନରୁ ଏହାର ସେବା ମିଳିପାରିବ। ଓଡ଼ିଶାରେ କେତେକ ଅନ୍‌ଲାଇନ୍ ରେଡିଓ ଷ୍ଟେଶନ ରହିଛି। ଏହାର ବହୁଳ ବ୍ୟବହାର ପ୍ରବାସୀ ଓଡ଼ିଆମାନେ କରୁଥିବା ଜଣାପଡ଼ିଛି। ପ୍ରବାସୀ ଓଡ଼ିଆ ସଙ୍ଗଠନଗୁଡ଼ିକ ଏହାର ପ୍ରଚାର ପ୍ରସାର ମଧ୍ୟ କରୁଛନ୍ତି। ସେମାନେ ଓଡ଼ିଶା ସହିତ ଯୋଡ଼ି ହୋଇ ରହିବା ପାଇଁ ଡିଜିଟାଲ ମିଡିଆ କ୍ଷେତ୍ରରେ ଇଣ୍ଟରନେଟ୍ ରେଡିଓ ଉଲ୍ଲେଖନୀୟ ଭୂମିକା ନିଭାଉଛି।

## ଆମ ଫୋକସ୍‌ରେ ପ୍ରବାସୀ ଓଡ଼ିଆ



ଓଡ଼ିଶାରେ ରହୁଥିବା ଲୋକ ଆମ ଫୋକସ୍‌ରେ ନାହାନ୍ତି। କାରଣ ସେମାନେ ଓଡ଼ିଆରେ ରେଡିଓ ଶୁଣିବା ପାଇଁ ବହୁତ ପ୍ରକାରର ବିକଳ୍ପ ରହିଛି। କିନ୍ତୁ ଓଡ଼ିଶା ବାହାରେ ରହୁଥିବା ଓଡ଼ିଆ ଲୋକଙ୍କ ପାଇଁ କୌଣସି ସୁବିଧା ନାହିଁ। ତେଣୁ ଓଡ଼ିଶା ବାହାରେ ରହୁଥିବା ଓଡ଼ିଆମାନଙ୍କ ସହ ଯୋଡ଼ିହେବା ପାଇଁ ଏଭଳି ନୂତନ ପ୍ରୟାସ ଆରମ୍ଭ କରାଯାଇଥିଲା। କୌଣସି ବ୍ୟବସାୟିକ ଉଦ୍ଦେଶ୍ୟରେ ଆମେ କରି ନ ଥିଲୁ। ଯେଉଁ ଉଦ୍ଦେଶ୍ୟରେ ଏହା ଆରମ୍ଭ ହୋଇଥିଲା ତା'ର ସଫଳତା ପାଇଛୁ। ଭଲ ଫିଡ୍‌ବ୍ୟାକ୍ ମଧ୍ୟ ପାଇଛୁ।

– ସୀତାଂଶୁ ମହାପାତ୍ର, ପ୍ରତିଷ୍ଠାତା, ଓଡ଼ିଆ ରେଡିଓ



### ରେଡିଓ ଭୁବନେଶ୍ୱର

ଭାରତରେ ରେଡିଓର ପ୍ରଚାର ଓ ପ୍ରସାର କାର୍ଯ୍ୟ କରୁଛି 'ଆଉଟ୍‌ରିଚ୍' ସଂସ୍ଥା। ଏହି ସଂସ୍ଥା ମଧ୍ୟ ଏକ ଇଣ୍ଟରନେଟ୍ ରେଡିଓ ଷ୍ଟେଶନ ଖୋଲିଛି, ଯାହାର ନାମ ରହିଛି 'ରେଡିଓ ଭୁବନେଶ୍ୱର'। ଆଣ୍ଡ୍ରଏଡ୍ ମୋବାଇଲ୍‌ରେ ରେଡିଓ ଭୁବନେଶ୍ୱର ଆପ୍‌କୁ ଇନ୍‌ଷ୍ଟଲ କରିଲେ କିମ୍ବା www.radiobhubaneswar.comକୁ ଯାଇ ଏହାର କାର୍ଯ୍ୟକ୍ରମ ଶୁଣିହେବ। ଏହାଛଡ଼ା ରେଡିଓ ଗାର୍ଡେନ୍‌ରେ ମଧ୍ୟ ଏହା ଉପଲବ୍ଧ।

### ଓଡ଼ିଆ ରେଡିଓ

ଓଡ଼ିଆ ଭାଷାରେ ଏହା ଓଡ଼ିଶାର ପ୍ରଥମ ଇଣ୍ଟରନେଟ୍ ରେଡିଓ ଷ୍ଟେଶନ। ୨୦୦୯ରେ ଏହା ଆରମ୍ଭ ହୋଇଥିଲା। ୨୦୧୦ରେ ସମ୍ପୂର୍ଣ୍ଣ ଭାବେ ଏହାର ପ୍ରସାରଣ ହୋଇଥିଲା। ଏଥିରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ପ୍ରସାରଣ ହେଉଛି। www.odiaradio.comରୁ ଯେକେହି ରେଡିଓ କାର୍ଯ୍ୟକ୍ରମ ଶୁଣିପାରିବେ। ପ୍ରବାସୀ ଓଡ଼ିଆମାନଙ୍କ ମଧ୍ୟରେ ଏହାର ବହୁତ ଚାହିଦା ରହିଛି। ୪୫ ଦେଶର ଲୋକ ଏହି ଇଣ୍ଟରନେଟ୍ ରେଡିଓର ଶ୍ରୋତା ଅଛନ୍ତି। ୨୦୧୧ରେ ସାଉଥ୍ ଏସିଆରେ ଏକ କମ୍ୟୁନିଟି ଇଣ୍ଟରନେଟ୍ ରେଡିଓ ଭାବେ ଏହି ଷ୍ଟେଶନ ଆୱାର୍ଡ ମଧ୍ୟ ପାଇଛି। ପ୍ରତିଦିନ ୨୪ଘଣ୍ଟା ମଧ୍ୟରେ ପ୍ରାୟ ୪ରୁ ୫ ହଜାର ଶ୍ରୋତା ଏହି ରେଡିଓ ଷ୍ଟେଶନରେ ଶୁଣିଥାନ୍ତି।

ରିପୋର୍ଟ: ଅସମାପିକା ସାହୁ

## ବିଶ୍ୱରେ ଆମର ଏକ ଲକ୍ଷ ଶ୍ରୋତା ଅଛନ୍ତି



ପ୍ରବାସୀ ଓଡ଼ିଆମାନଙ୍କ ପାଇଁ ଆମେ ଏହି ଷ୍ଟେଶନ ଆରମ୍ଭ କରିଥିଲୁ। ଏଥିରେ ରୁଚି ସମ୍ପନ୍ନ କାର୍ଯ୍ୟକ୍ରମ ପ୍ରସାରଣ ହୋଇଥାଏ। ଏହାଛଡ଼ା ଭୁବନେଶ୍ୱରର ବିଭିନ୍ନ କାର୍ଯ୍ୟକ୍ରମକୁ ଆମେ ଭଲରେ କଭର କରିଥାଉ। ଏଥିରେ କୌଣସି ଇଭେଣ୍ଟର ଲାଇଭ୍ ବ୍ରଡ୍‌କାଷ୍ଟ ମଧ୍ୟ ହୋଇପାରିବ। ସାରା ବିଶ୍ୱରୁ ପ୍ରାୟ ଏକଲକ୍ଷ ଶ୍ରୋତା ଆମର ଅଛନ୍ତି। ପାଖାପାଖି ୨୫ ଦେଶରେ ଏହି ରେଡିଓ ଷ୍ଟେଶନକୁ ଶୁଣୁଛନ୍ତି। ତେବେ ଇଣ୍ଟରନେଟ୍ ରେଡିଓ ଉପରେ ଓଡ଼ିଶାରେ ସଚେତନତାର ଅଭାବ ରହିଛି। ଏହାର ବହୁଳ ପ୍ରଚାର ପ୍ରସାର ହେବାର ଆବଶ୍ୟକତା ରହିଛି।

- ସ୍ମୃତି ପ୍ରିୟଦର୍ଶିନୀ, ପ୍ରୋଗ୍ରାମିଂ ହେଡ୍, ରେଡିଓ ଭୁବନେଶ୍ୱର

# ପଡ୍‌କାଷ୍ଟ




ପ୍ରଥମ ପୃଷ୍ଠାରୁ...

'ଆପଲ୍'ର ଆଇଫୋନ୍ ଏବଂ ଆଇପଡ୍‌ରେ ପଡ୍‌କାଷ୍ଟ ପାଇଁ ସ୍ୱତନ୍ତ୍ର ଇନ୍‌ବିଲ୍ଟ ବା ପ୍ରି-ଇନ୍‌ଷ୍ଟଲ୍ଡ ଆପ୍ ଥିବାବେଳେ ଆଣ୍ଡ୍ରଏଡ୍‌ରେ ପଡ୍‌କାଷ୍ଟ ବ୍ୟବହାର କରିବାକୁ ହେଲେ ଆପ୍‌ଷ୍ଟୋର୍‌ରୁ ଏଥିପାଇଁ ଆପ୍ ଡାଉନ୍‌ଲୋଡ କରିବାକୁ ପଡେ। ଖାସ୍ ସେଥିପାଇଁ 'ପକେଟ୍ କାଷ୍ଟ', 'ଗୁଗଲ ପଡ୍‌କାଷ୍ଟ', 'ରେଡିଓ ପବ୍ଲିକ୍', 'କାଷ୍ଟବକ୍ସ', 'ପଡ୍‌କାଷ୍ଟ ଆଡିକ୍ଟ', 'ସାଉଣ୍ଡ କ୍ଲାଉଡ୍', 'ସ୍ପିଟିଫାଏ', 'ଡଗ୍‌କ୍ୟାଚର୍ ପଡ୍‌କାଷ୍ଟ ପ୍ଲେୟାର', 'ପଡ୍‌କାଷ୍ଟ ଗୋ' ଭଳି ଏକାଧିକ ଆଣ୍ଡ୍ରଏଡ୍ ଆପ୍ ଆଜିକାଲି ପ୍ଲେ ଷ୍ଟୋର୍‌ରେ ଉପଲବ୍ଧ ହେଉଛି। ଯେକୌଣସି ପଡ୍‌କାଷ୍ଟ ସିରିଜର ମଜାନେବାକୁ ଜଣେ ସବ୍‌ସ୍କ୍ରାଇବ୍ କରି ଏହାର ସମ୍ପୂର୍ଣ୍ଣ ଏପିସୋଡ୍‌କୁ ଉପଭୋଗ କରିପାରୁଛି। ତାହାପୁଣି ବିନା କୌଣସି ଶୁଳ୍କରେ। ସବ୍‌ସ୍କ୍ରାଇବ୍ କରିବା ଦ୍ୱାରା ଏକ ପଡ୍‌କାଷ୍ଟ ଫାଇଲ୍‌ର ପ୍ରତ୍ୟେକ ଭାଗ ୱେବ୍ ସିଣ୍ଡିକେଶନ୍ ଦ୍ୱାରା ଅଟୋ-ଡାଉନ୍‌ଲୋଡ୍ ହୋଇ ବ୍ୟବହାରକାରୀଙ୍କ ମୋବାଇଲ ଆପ୍, କମ୍ପ୍ୟୁଟର୍ ଏବଂ ପୋର୍ଟେବୁଲ୍ ମିଡିଆ ପ୍ଲେୟାରରେ ରହୁଛି। ଗୋଟିଏ ପଡ୍‌କାଷ୍ଟ ସିରିଜର ପ୍ରତ୍ୟେକ ଏପିସୋଡ୍ ସମାନ ଫାଇଲ୍ ଫର୍ମାଟରେ ରହୁଥିବାରୁ ବ୍ୟବହାରକାରୀ ଆରମ୍ଭରୁ ଶେଷଯାଏ ଅଡିଓ ନ ହେଲେ ଭିଡିଓ ଫର୍ମାଟ୍‌ରେ ତାହାକୁ ଶୁଣିପାରେ। ଏହାବ୍ୟତୀତ କିଛି ପଡ୍‌କାଷ୍ଟ ଫାଇଲ୍ ଯେପରିକି ଲାଙ୍ଗୁଏଜ୍ କୋର୍ସଗୁଡିକରେ ଅଡିଓ, ଭିଡିଓ ଏବଂ ଡକ୍ୟୁମେଣ୍ଟ ଭଳି ଭିନ୍ନ ଭିନ୍ନ ଫାଇଲ୍ ଫର୍ମାଟ ରହିଥାଏ। ପିଡିଏଫ୍ ଏବଂ ଇ-ବୁକ୍ ଫାଇଲ୍ ଫର୍ମାଟରେ ମଧ୍ୟ ଏହା ରହିଥାଏ। ସେହିଭଳି ପଡ୍‌କାଷ୍ଟର ଭିଡିଓ ଫର୍ମାଟକୁ ଭିଡିଓ ପଡ୍‌କାଷ୍ଟ ବା ଭଡ୍‌କାଷ୍ଟ ବୋଲି ମଧ୍ୟ କୁହାଯାଏ।

ରିଅଲି ସିମ୍ପୁଲ୍ ସିଣ୍ଡିକେଶନ(ଆର୍‌ଏସ୍‌ଏସ୍) ଫିଡ୍‌ର ବ୍ୟବହାର କରି ଅଡିଓ ଫାଇଲ୍‌ର ପ୍ରସ୍ତୁତି ଏବଂ ତାହାର ବିତରଣକୁ ପଡ୍‌କାଷ୍ଟିଂ ବୋଲି କୁହାଯାଏ। ଯାହାକୁ ପରବର୍ତ୍ତୀ ସମୟରେ ଆଇପଡ୍ ଭଳି ଡିଜିଟାଲ ମ୍ୟୁଜିକ୍ ଏବଂ ମଲ୍ଟିମିଡିଆ ପ୍ଲେୟାରରେ ଅପ୍‌ଲୋଡ୍ କରିହୁଏ। ଏକ ଡିଜିଟାଲ ଅଡିଓ ଫାଇଲ୍‌ରୁ ଜଣେ ଆରାମରେ ପଡ୍‌କାଷ୍ଟ ତିଆରି କରିପାରିବ। ପଡ୍‌କାଷ୍ଟ ପବ୍ଲିଶିଂରେ ଜଣେ କ୍ୟାରିୟର କରିପାରିବା ସହ ବହୁସଂଖ୍ୟକ ଶ୍ରୋତାଙ୍କ ନିକଟରେ ପହଞ୍ଚିବା ପାଇଁ ଆଜିକାଲି ଏହା ଏକ ଉତ୍କୃଷ୍ଟ ମାଧ୍ୟମ ପାଲଟିଛି।




## ଲୋକପ୍ରିୟ ପଡ୍‌କାଷ୍ଟ ଶୋ'




ଆର୍ଟ, ବିଜ୍‌ନେସ୍, କମେଡି, ଏଜୁକେଶନ, ଗେମ୍ସ, ହବିଜ୍, ଗଭର୍ନମେଣ୍ଟସ ଆଣ୍ଡ ଅର୍ଗାନାଇଜେଶନ, ହେଲ୍‌ଥ, ମ୍ୟୁଜିକ୍, କିଡ୍‌ସ ଆଣ୍ଡ୍ ଫ୍ୟାମିଲି, ନ୍ୟୁଜ୍, ପଲିଟିକ୍ସ, ସୋସାଇଟି ଆଣ୍ଡ କଲଚର୍, ସ୍ପୋର୍ଟସ, ଟେକ୍ନୋଲୋଜି, ଟିଭି ଆଣ୍ଡ୍ ଫିଲ୍ମ ଭଳି ବିଭିନ୍ନ ବିଭାଗରେ ବହୁ ଉପଯୋଗୀ ପଡ୍‌କାଷ୍ଟ ଆଜିକାଲି ଉପଲବ୍ଧ ହେଉଛି। ଏହା ଛୋଟ ପିଲାଙ୍କଠାରୁ ଆରମ୍ଭକରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଉପାଦେୟ ହୋଇପାରୁଛି। ବର୍ତ୍ତମାନ ସମୟରେ ଇଣ୍ଟରନେଟ୍‌ରେ କ୍ଲାସିକ୍ ଶର୍ଟ ଷ୍ଟୋରିଜ୍, ଟେଡ୍ ଟକ୍ସ, ୱାର୍ଲଡ ବିଜ୍‌ନେସ୍ ରିପୋର୍ଟ, ଷ୍ଟାର୍ଟଅପ୍ ଷ୍ଟୋରିଜ୍, କାର୍ ଟକ୍, ବିବିସି ରେଡିଓର ଫ୍ରାଇଡେ' ନାଇଟ୍ କମେଡି, ଆଡାମ୍ କ୍ୟାରୋଲା ଶୋ', ଲର୍ନ ଟୁ କୋଡ୍ ୱିଥ୍ ମି, ଷ୍ଟୋରିନରୀ, ମ୍ୟାଥ୍ ଡ୍ୟୁଡ୍, କ୍ଲାସିକ୍ ଟେଲ୍‌ସ, ଗେମ୍ ସ୍କୁପ୍, ଡୋମେଷ୍ଟିକ୍ ସିଇଓ, ବେବିଟକ୍, ନାସାକାଷ୍ଟ, ସାଇନ୍ସ ଫ୍ରାଇଡେ', ବ୍ରେନ୍ ଷ୍ଟଫ୍, ଦି ମୁସାଫିର୍ ଷ୍ଟୋରିଜ୍, ଷ୍ଟୋରିଜ୍ ଅଫ୍ ପ୍ରେମ୍‌ଚାନ୍ଦ୍, କଲ୍‌ଚର୍ ଚାଓସ୍ ଭଳି କେତେକ ପଡ୍‌କାଷ୍ଟ ଶୋ' ବହୁଳ ଲୋକପ୍ରିୟତା ହାସଲ କରିଛି। ସେହିଭଳି ବିବିସି, ସିଏନ୍‌ଏନ୍, ରେଡ୍ ଏଫ୍‌ଏମ୍, ନ୍ୟୁଜ୍ ଲଣ୍ଡ୍ରି, ଭଏସ୍ ଅଫ୍ ଆମେରିକା ଏବଂ ଟେଡ୍‌ର ବିଭିନ୍ନ କାର୍ଯ୍ୟକ୍ରମ ପଡ୍‌କାଷ୍ଟରେ ଶୁଣିବାକୁ ଓ ଦେଖିବାକୁ ମିଳୁଛି।

– ରିପୋର୍ଟ: ସସ୍ମିତା ପାଇକରାୟ



## ଖାଦ୍ୟ ରୁଚି

# କଣ୍ଟିନେଣ୍ଟାଲ ଡିସ୍ ପ୍ରନ୍ ସିଜ୍‌ଲର



ପ୍ରଦୀପ ଭୋଇ

ପର୍ଯ୍ୟଟନ ସହର ପୁରୀ। ଏଠାକୁ ପ୍ରତ୍ୟହ ଦେଶବିଦେଶର ପର୍ଯ୍ୟଟକ ଆସିଥାନ୍ତି। ବେଳାଭୂମିର ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟା ସାଙ୍ଗକୁ ପ୍ରସିଦ୍ଧ ଶ୍ରୀମନ୍ଦିର ଅନେକଙ୍କୁ ଟାଣିଆଣେ ପୁରୀକୁ। ତେବେ ଏଠାରେ ଦେଶବିଦେଶର ପର୍ଯ୍ୟଟକଙ୍କ ସମାଗମକୁ ଦୃଷ୍ଟିରେ ରଖି ହୋଟେଲ ଏବଂ ରେଷ୍ଟୁରାଣ୍ଟରେ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରାଯାଏ। ଆମିଷପ୍ରିୟ ପର୍ଯ୍ୟଟକଙ୍କ ପାଇଁ ହୋଟେଲ, ରେଷ୍ଟୁରାଣ୍ଟରେ ସୁଆଦିଆ ଡିସ୍ ପ୍ରସ୍ତୁତ କରାଯାଏ। ତେବେ ଗ୍ରାମୀଣ ତଥା ସବୁଜିମାଭରା ପରିବେଶ ଭିତରେ ବସି ଖାଇବାର ନିଆରା ଅନୁଭୂତି ଦେଉଥିବା ସହରର ଅନ୍ୟତମ ରେଷ୍ଟୁରାଣ୍ଟ ହେଉଛି ୱାଇଲ୍ଡ ଗ୍ରାସ୍। ଏଠାରେ ଉଭୟ ଆମିଷ ଓ ନିରାମିଷ ଖାଦ୍ୟ ପ୍ରସ୍ତୁତ କରାଯାଉଥିବା ବେଳେ କଣ୍ଟିନେଣ୍ଟାଲ ଡିସ୍ ପ୍ରନ୍ ସିଜ୍‌ଲରର ବେଶ୍ ଚାହିଦା ରହିଛି। ଗୋଟିଏ ପ୍ଲେଟ୍‌ର ଦାମ୍ ରହୁଛି ୩୫୦ ଟଙ୍କା। ଏହାର ପ୍ରସ୍ତୁତି ସମ୍ପର୍କରେ ରେଷ୍ଟୁରାଣ୍ଟର ମୁଖ୍ୟ ସେଫ୍ ପ୍ରଦୀପ ଭୋଇଙ୍କ ମୁହଁରୁ...



### ଆବଶ୍ୟକ ସାମଗ୍ରୀ

- କଣ୍ଟାଳ ଚିଙ୍ଗୁଡ଼ି ୨୦୦ ଗ୍ରାମ୍
- ଆଳୁ ୧୦୦ ଗ୍ରାମ୍
- ବିନ୍ସ ୫୦ ଗ୍ରାମ୍
- ଗାଜର ୫୦ ଗ୍ରାମ୍
- ଫୁଲକୋବି ୨ ପାଖୁଡ଼ା
- କିମା ରସୁଣ ୫ ଗ୍ରାମ୍
- ବଟର ୨ ଚାମଚ
- ଭିନେଗାର ୧ ଚାମଚ
- ଓଷ୍ଟାର୍ଡ ସସ୍ ଅଧ ଚାମଚ
- ଅଦା ରସୁଣ ପେଷ୍ଟ ଅଧ ଚାମଚ
- ସ୍ୱାଦ ଅନୁଯାୟୀ ଲୁଣ

(ପରଷି ଦେବା ପାଇଁ ବନ୍ଧାକୋବି ପତ୍ରର ଠୋଲା ଏବଂ ଲୁହାପାତ୍ର ଦରକାର)

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଚିଙ୍ଗୁଡ଼ିକୁ ଚୋପା ଛଡ଼ାଇ ଭଲ ଭାବେ ଧୋଇଦେବେ। ଛୋଟ ଛୋଟ ଆକାରରେ କଟାଯାଇଥିବା ଆଳୁ, ଗାଜର, ବିନ୍ସ ଓ ଫୁଲକୋବିକୁ ପୂର୍ବରୁ ସିଝାଇ କାଢି ରଖିଥିବେ। ଗୋଟିଏ ପାତ୍ରରେ ଭିନେଗାର, ଲୁଣ, ଅଦା ରସୁଣ ପେଷ୍ଟ ପକାଇବେ। ଏହାପରେ ସେଥିରେ ଚିଙ୍ଗୁଡ଼ି ପକାଇ ଭଲ ଭାବେ ଗୋଳାଇଦେବେ। ରୋଷେଇ କରିବାକୁ ଥିବା ପାତ୍ରକୁ ନିଆଁରେ ବସାଇ ସେଥିରେ ବଟର ପକାଯିବ। ବଟର ଗରମ ହୋଇଗଲେ ସେଥିରେ କିମା ରସୁଣ ପଡିବ। ଏହାପରେ ଚିଙ୍ଗୁଡ଼ି ପକାଯାଇ ଭଜାଯିବ। ପ୍ରାୟ ୫ ମିନିଟ୍ ପରେ ସେଥିରେ ୭୫ ଗ୍ରାମ୍ ପାଣି ଦିଆଯିବ। ୫ରୁ ୭ ମିନିଟ୍ ଚିଙ୍ଗୁଡ଼ି ସିଝାଯିବ। ଏହାପରେ ସେଥିରେ ଓଷ୍ଟାର୍ଡ ସସ୍ ପକାଯିବ। କିଛି ସମୟ ପରେ ଏହାକୁ ଓହ୍ଲାଇ ଦିଆଯିବ। ଏବେ ପ୍ରସ୍ତୁତ ହୋଇଗଲା ପ୍ରନ୍ ସିଜ୍‌ଲର। ବନ୍ଧାକୋବି ପତ୍ରରେ ହୋଇଥିବା ଠୋଲା ତଳେ ପରିବା ସିଝା ଦେଇ ଉପରେ ଏହି ପ୍ରନ୍ ସିଜ୍‌ଲର ରଖାଯିବ। ଆଞ୍ଚରେ ଗରମ କରାଯାଇଥିବା ଲୁହାପାତ୍ର ଉପରେ ଉକ୍ତ ଠୋଲାକୁ ରଖି ଗ୍ରାହକଙ୍କୁ ପରଷା ଯିବ। ଏହାଦ୍ୱାରା ଗ୍ରାହକମାନେ ଗରମ ଗରମ ପ୍ରନ୍ ସିଜ୍‌ଲରର ସ୍ୱାଦ ନେଇପାରିବେ।

**– ରିପୋର୍ଟ: ହେମନ୍ତ ନାୟକ**

## ମୋର୍ ଅନୁଭୂତି

- ଅଭିନେତ୍ରି: ଆହାନା ବରାଳ
- ଜନମ୍: ଡିସେମ୍ବର ୨୭, ୧୯୯୭
- ଏଭର ଠିକ୍‌ନା: ଭୁବନେଶ୍ୱର

# ଟ୍ରେନ୍‌ରେ ଚେକିଂ ବେଲେ ଡରି ଯାଇଥିଲି



ଅଭିନଏ ଜଗତ୍‌ରେ ନୂଆଁକରି ପାଦ୍ ଥାପିଥିବାର ଅଭିନେତ୍ରି ଆହାନା ନିଜର ଦମ୍‌ଦାର ଅଭିନଏ ଜରିଆରେ ବହୁତ୍ କମ୍ ସମିଆ ଭିତ୍‌ରେ ଦେଖନ୍‌ହାରିକର ମନ୍ ଜିତିପାରିଛନ୍। 'ଭୈରବ' ଚଲଚିତ୍‌ର ଉତାରୁ 'ବ୍ଲାକ୍‌ମେଲ୍' ଚଲଚିତ୍‌ରରେ ତାହାକୁ ଲିଡ୍ ରୋଲ୍‌ରେ ଦେଖ୍‌ବାକେ ମିଲିଥିଲା। ଛୋଟ୍‌ବେଲୁ ନାଚ୍ ଉପ୍‌ରେ ରୁଚି ରଖିଥିବାର ଆହାନା ଯେ ବଡ ହେଇ ଦିନେ ଅଭିନେତ୍ରି ହେବେ ଇ କଥା ସେ କେଭ ସପନ୍‌ରେ ବି ନାଇଁ ଭାବିଥାଇ। ଗୁଟେ କାଯ୍‌କରମ୍‌ରେ ଚଲଚିତ୍‌ର ପର୍‌ଯୋଜକ୍‌କର ନଜର ପଡିଥିଲା ତାଁକର ଉପ୍‌ରେ। ତା'ପରେ ସେ ଅଭିନଏ କର୍‌ବାକେ ଆହାନାକୁଁ ଅଫର୍ ଦେଇଥିଲେ, ହେଲେ ସେ ପହେଲା ମନା କରିଦେଇଥିଲେ ବି ପଛେ ରାଜି ହେଇଥିଲେ। ଏହେଦ୍‌କା ସେ ଭୁବନେଶ୍ୱରରେ ଏମ୍‌ବିଏ ଦୁତିଅ ବଛର୍‌ର ଛାତ୍ରୀ। ପାଠ୍‌ପଢ଼ାକେ ଅଧିକା ଗୁରୁତ୍ ଦେଉଥିବାର ଲାଗି ଇ ଭିତ୍‌ରେ ସେ ୩ଟା ଫିଲ୍ମରେ ଅଭିନଏ କର୍‌ବାକେ ମନା କରିଦେଇଛନ୍। ଆଏବାର ବଛରେ ତକ୍ ସେ କେହେନ୍‌ସି ଫିଲ୍ମରେ କାମ୍ ନାଇଁ କର୍‌ବାର ଯୋଜ୍‌ନା ରଖିଥିଲା ବେଲେ ଆହାନା ଆମ୍‌କୁ ତାଁକର ଜୀବନ୍‌ର ଗୁଟେ ଅଭୁଲା ସୁଁର୍‌ତି ବାବ୍‌ଦେ କହିଛନ୍।

ମୁଇଁ ସେତେବେଲେ ଯୁକ୍ତ ୨ ଦୁତିଅ ବଛର୍‌ର ଛାତ୍ରୀ ଥିଲି। ଘରକେ ଯିବାର ଲାଗି ଭୁବନେଶ୍ୱରରୁ ଯାଜପୁର ରୋଡ୍‌କେ ଯାଉଥାଏଁ। ସକାଲର ୫ ବଜେ ଟ୍ରେନ ଥାଏ। ଘରୁ ବାହାରୁନ୍ ବାହାରୁ ଡେରି ହେଇଗଲା। ସେଥିର୍‌ଲାଗି ଷ୍ଟେଶନରେ ପୁହୁଁଚୁନ୍ ପୁହୁଁଚୁନ୍ ତରାବୁରା ହେଇ କାଉଣ୍ଟରରୁ ଟିକେଟ୍ ଆନି ଟ୍ରେନ୍‌ରେ ଚଢ଼ିଗଲି। ଟିକେଟ୍ କରିଥିବାର ଲାଗି ସିଟ୍‌ରେ ଯାଇ ବସିପଡ଼ଲି। କେତେ ସମିଆ ଉତାରୁ ଟ୍ରେନ୍ ଯାଇ କଟକ ଷ୍ଟେଶନରେ ପୁହୁଁଚିଲା। ସେଠାନେ ଚେକିଂ ହେଉଥାଏ। ମୋର ପାସେ ବସିଥିବାର ଉନିଆ ଲୋକ୍‌ମାନେ ଟିଟିଆଇ ଆସୁଛେ, ଚେକିଂ ହେଉଛେ ବଲି କୁହାକୁହି ହେଉଥାଆନ୍। ମୁଇଁ ବି ମୋର ଟିକେଟ୍ ଖଁଡ୍‌କ ବ୍ୟାଗ୍‌ରୁ ବାହାର କରି ହାତେ ଧରି ବସିଥାଏଁ। ଇ ସମିଆରେ ମୋର ନଜର ଟିକେଟ୍ ଉପ୍‌ରେ ପଡ଼ଲା। ଦେଖ୍‌ଲା ବେଲେ ସେଟା ଗୁଟେ ପ୍ଲାଟଫର୍ମ ଟିକେଟ ଥାଏ। ମୁଇଁ ଇ ଘଟ୍‌ନାଟା ଦେଖି ଯେତ୍‌କି ଆଶିରିଯ୍ ହେଇଥିଲି ଟିକେଟ୍ ନାଇଁଥିବାର ଲାଗି ସେତ୍‌କି ଡରି ଯାଇଥିଲି। ମୋର ଗୋଡ୍‌ହାତ୍ କଦେଲ୍ ପତର ଲେଖେଁ ଥରୁଥାଏ। ମୁଇଁ କାଣା କର୍‌ମି, କାହାକେ କହେମି କିଛି ବୁଝି ନାଇଁ ପାରୁଥାଏଁ। ଇ ସମିଆରେ ମୁଇଁ ବସିଥିବାର ବଗିକେ ଝନେ ଲୋକ୍ ଚଢ୍‌ଲେ। ଧଲା ରଂଗର ପ୍ୟାଣ୍ଟ, ଶାର୍ଟ ସଂଗେ ଖଁଦେ କଲା ରଂଗର ବ୍ୟାଗ୍ ଝୁଲେଇଥାଆନ୍। ତାହାକୁ ଦେଖି ଟିଟିଆଇ ଆଏଲେ, ଏହେଦେ ମତେ ଗାଲି ଦେବେ ଭାବି ମୁଇଁ ପୂରା ଡରିଯାଇଥାଏଁ। ସେ ବଗି ଭିତରକେ ଢୁକୁନ୍ ଢୁକୁନ୍ ମୁଇଁ ତାକର ପାସ୍‌କେ ଯାଇ ସାର୍ ପ୍ଲିଜ୍ ମତେ କ୍ଷମାକରି ଦେଉନ୍, ମୋର୍ ଭୁଲ୍ ହେଇଯାଇଛେ, ମୁଇଁ ଜାନିକରି ଏନ୍‌ତା ନାଇଁକରି, ମତେ ନାଇଁନେଉନ୍, ଏତେ ଲୋକ୍ ଅଛନ୍ ମତେ ଖରାପ୍ ଲାଗ୍‌ବା, ଦେଖୁନ୍ ମୁଇଁ ପ୍ଲାଟ୍‌ଫର୍ମ ଟିକେଟ କରିଛେଁ ଏନ୍‌ତା କହି ଚାଲିଥାଏଁ। ତାହାକୁ କିଛି କହେବାକେ ସୁଯୋଗ୍ ବି ନାଇଁ ଦେଉଥାଇ। କେତେ ସମିଆ ଉତାରୁ ସେ ଭଦର୍ ଲୋକ୍ ଝନ୍‌କ ମତେ କହେଲେ, ଆରେ ମା' ମୁଇଁ ଟିଟିଆଇ ନୁହେ। ମୋର୍ ଅଫିସ୍ କାମେ ଯାଜପୁର ରୋଡ୍ ଯାଉଛେଁ, ତୁଇ ବିଲ୍‌କୁଲ୍ ନାଇଁ ଡର୍। ତାକରନୁ ଇ କଥା ପଦ୍‌କ ଶୁନ୍‌ଲାରୁ ମତେ ବହୁତ୍ ହଁସା ଲାଗ୍‌ଲା ଆର୍ ଲାଜ୍ ବି ଲାଗ୍‌ଲା। ମୁଇଁ ତୁମ୍‌ପଡି ଯାଇ ମୋର ସିଟ୍‌ରେ ବସ୍‌ଲି। ଇ କଥା ଘରେ ଯାଇ କହେଲାରୁ ସଭେ ହଁସିଥିଲେ।

–ରିପୋର୍ଟ: ବନ୍ଦନା ସେଠୀ

# ସେଲ୍ଫି କର୍ଣ୍ଣର



@ ରଘୁବୀର



@ ବିଜୟ



@ ଗୋପୁଲ୍ଲ



@ ପୁଷ୍ପାରାଣୀ



@ ଦୀପକ



@ ବବଲୁ




@ ସିଦ୍ଧାର୍ଥ



@ ସନ୍ତୋଷ



@ ବିଜୟ



@ ବନ୍ଦନା



@ ଶୁଭସ୍ମିତା



@ କାଜଲ



@ ଆକାଶ

**ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ**

smbselfie@gmail.com
(ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ରାଧାକୃଷ୍ଣ ଆପାର୍ଟମେଣ୍ଟ



ଭିତ୍ତିପ୍ରସ୍ତର ସ୍ଥାପନ-୨୦୦୭

ଗୃହ ପ୍ରବେଶ-୨୦୧୨

ଲୋକ ସଂଖ୍ୟା -୧୦୦ରୁ ଊର୍ଦ୍ଧ୍ୱ

ଫ୍ଲାଟ ସଂଖ୍ୟା-୨୫

ସଂଗଠନ-ରାଧାକୃଷ୍ଣ ଏନ୍‌କ୍ଲେଭ୍ ଓନର୍ସ ଆସୋସିଏଶନ

ସଭାପତି-ସରୋଜ କୁମାର ପାଢ଼ୀ

ସମ୍ପାଦକ-ସୁରେନ୍ଦ୍ର କୁମାର ପଣ୍ଡା

କୋଷାଧ୍ୟକ୍ଷ-ପୂର୍ଣ୍ଣଚନ୍ଦ୍ର ମହାନ୍ତି

ୟୁନିଟ-୬ ଅଞ୍ଚଳର ଭୁବନେଶ୍ୱର କ୍ଲବ ଛକରୁ କ୍ୟାପିଟାଲ ହସ୍ପିଟାଲକୁ ସଂଯୋଗ କରୁଥିବା ରାସ୍ତାର ୭ ନମ୍ବର ଗଳିର ଶେଷ ଭାଗରେ ରହିଛି ରାଧାକୃଷ୍ଣ ଆପାର୍ଟମେଣ୍ଟ। ଏକ ମନୋଜ୍ଞ ପରିବେଶରେ ଗଢା ହୋଇଥିବା ଏହି ଆପାର୍ଟମେଣ୍ଟକୁ ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ନିଗମ ନିର୍ମାଣ କରିଛି। ରାଜଧାନୀର କେନ୍ଦ୍ରସ୍ଥଳୀରେ ଥିବାରୁ ଏଠାରେ ସମସ୍ତ ପ୍ରକାର ସୁବିଧା ଉପଲବ୍ଧ। ଆପାର୍ଟମେଣ୍ଟରୁ ରାଜ୍ୟ ସଚିବାଳୟ, ରାଜଭବନ, କ୍ୟାପିଟାଲ ହସ୍ପିଟାଲ, ଅନ୍ତର୍ଜାତୀୟ ବିମାନବନ୍ଦର, ଏକ ନମ୍ବର ପରିବା ମାର୍କେଟ, ମାର୍କେଟ ବିଲ୍ଡିଂ ଆଦି ପ୍ରମୁଖ ସ୍ଥାନ ୧ କିଲୋମିଟର ପରିଧି ମଧ୍ୟରେ ରହିଛି। ଏଠାରୁ ଭୁବନେଶ୍ୱର ରେଳ ଷ୍ଟେଶନର ଦୂରତା ମଧ୍ୟ କମ୍। ଆପାର୍ଟମେଣ୍ଟରେ ଅବସରପ୍ରାପ୍ତ କର୍ମଚାରୀ, ପୂର୍ବତନ ବିଧାୟକ, ବୁଦ୍ଧିଜୀବୀ ଓ ସାମାଜିକ କର୍ମୀମାନେ ଅବସ୍ଥାନ କରୁଛନ୍ତି। ଏଠାରେ ବସବାସ କରୁଥିବା ସମସ୍ତ ସଦସ୍ୟଙ୍କ ମଧ୍ୟରେ ଏକତା ଓ ଭ୍ରାତୃଭାବ ରହିଛି। ଆପାର୍ଟମେଣ୍ଟ ସମ୍ମୁଖରେ ଏକ ପଡିଆ ରହିଛି। ସେଠାରେ ଛୋଟ ପିଲାମାନେ ଖେଳକୁଦ କରନ୍ତି। ବର୍ତ୍ତମାନ ସେଠାରେ ସରକାରଙ୍କ ପକ୍ଷରୁ କ୍ୱାର୍ଟର୍ସ ନିର୍ମାଣ କରାଯାଉଛି।

– ରିପୋର୍ଟ: ତ୍ରିନାଥ ମହାନ୍ତି

## ପର୍ବପର୍ବାଣି

ଗଣେଶ ପୂଜା, ସରସ୍ୱତୀ ପୂଜା, ନୂଆବର୍ଷ, ସାଧାରଣତନ୍ତ୍ର ଦିବସ, ସ୍ୱାଧୀନତା ଦିବସ, ହୋଲି, ଶିଶୁ ଦିବସ, ଦୀପାବଳି ଆଦି ଧୁମଧାମରେ ପାଳନ କରାଯାଏ। ଆପାର୍ଟମେଣ୍ଟରେ ରହୁଥିବା ସମସ୍ତ ସଦସ୍ୟ ଜାତିଧର୍ମ ଭୁଲି ମିଳିମିଶି ଏସବୁ ପର୍ବପର୍ବାଣି ପାଳନ କରିଥାନ୍ତି। ନୂଆବର୍ଷରେ ଆପାର୍ଟମେଣ୍ଟବାସୀ ପିକନିକ ଯାଆନ୍ତି। କେଉଁ ସ୍ଥାନକୁ ବୁଲିବାକୁ ଯିବେ ସେନେଇ ପୂର୍ବରୁ ଆଲୋଚନା ହେବା ପରେ ସ୍ଥିର କରାଯାଏ। ସମସ୍ତେ ଅର୍ଥ ସଂଗ୍ରହ କରି ପିକ୍‌ନିକ୍ ଯାଆନ୍ତି। ଏହାସହ କୌଣସି ପରିବାରରେ କିଛି ଉତ୍ସବ ହେଲେ ସମସ୍ତ ସଦସ୍ୟ ଏକାଠି ହୋଇ ପାଳନ କରିଥାନ୍ତି।

## ସମସ୍ତ ବାସିନ୍ଦା ଶୃଙ୍ଖଳିତ



"ଏହା ଏକ ଛୋଟ ଆପାର୍ଟମେଣ୍ଟ। ହେଲେ ଏଠାରେ ବସବାସ କରୁଥିବା ସମସ୍ତଙ୍କ ହୃଦୟ ବଡ଼। ସମସ୍ତେ ଶୃଙ୍ଖଳିତ, କୌଣସି କଥାକୁ ନେଇ କେହି କାହା ସହିତ କଳି ଝଗଡା କିମ୍ବା ମନୋମାଳିନ୍ୟ ହୋଇ ନ ଥାଏ। ସମସ୍ତେ ଗୋଟିଏ କୁଟୁମ୍ବ ପରି ଚଳନ୍ତି। ଆପାର୍ଟମେଣ୍ଟର ପ୍ରତ୍ୟେକ ସଦସ୍ୟ ନୀତି ନିୟମକୁ ମାନି ଚଳନ୍ତି। ପୂଜାପର୍ବ ହେଉ ବା ପିକନିକ ସମସ୍ତ ସଦସ୍ୟ ଏକାଠି ହୋଇ କିଭଳି ଆୟୋଜନ କରାଯିବ ସେନେଇ ଆଲୋଚନା କରାଯାଇଥାଏ। ଏଠାରେ ରହୁଥିବା ପିଲାଙ୍କ ଦକ୍ଷତା ବୃଦ୍ଧି ଲାଗି ପ୍ରତିବର୍ଷ ଚିତ୍ରାଙ୍କନ ଓ ରଚନା ଲିଖନ ଆଦି ପ୍ରତିଯୋଗିତା କରାଯାଏ। ଯେଉଁମାନେ ବିଜେତା ହୁଅନ୍ତି, ସେମାନଙ୍କୁ ପୁରସ୍କୃତ ମଧ୍ୟ କରାଯାଇଥାଏ।

-ସରୋଜ କୁମାର ପାଢ଼ୀ, ସଭାପତି

## କଡ଼ା ସୁରକ୍ଷା ବ୍ୟବସ୍ଥା



"ଆପାର୍ଟମେଣ୍ଟରେ କଡ଼ା ସୁରକ୍ଷା ବ୍ୟବସ୍ଥା ରହିଛି। କେହି ଅଜଣା ବ୍ୟକ୍ତି ସିକ୍ୟୁରିଟି ଗାର୍ଡ଼ଙ୍କ ବିନା ଅନୁମତିରେ ଆପାର୍ଟମେଣ୍ଟ ଭିତରକୁ ପ୍ରବେଶ କରିପାରିବେ ନାହିଁ। ଯେଉଁମାନେ ଆପାର୍ଟମେଣ୍ଟ ମଧ୍ୟକୁ ଆସୁଛନ୍ତି, ସେମାନେ ସିକ୍ୟୁରିଟି ଗାର୍ଡ଼ଙ୍କ ପରାମର୍ଶ ନେଇ ଭିତରକୁ ପ୍ରବେଶ କରନ୍ତି। କୌଣସି ପରିବାରରେ ଯଦି ସମସ୍ୟା ଦେଖାଯାଏ ସମସ୍ତେ ସହଯୋଗର ହାତ ବଢ଼ାନ୍ତି। ଏପରିକି ରାତି ଅଧରେ ଛିଡ଼ା ହୁଅନ୍ତି। ବିଭିନ୍ନ ପର୍ବପର୍ବାଣିରେ ସମସ୍ତେ ଏକାଠି ହୋଇ ପାଳନ କରିବା ସହ ଭୋଜିଭାତ କରାଯାଏ।

-ମନୋଜ କୁମାର ବଡ଼ନାୟକ, ବାସିନ୍ଦା

## ବରିଷ୍ଠ ନାଗରିକଙ୍କୁ ସମ୍ମାନ ଦିଆଯାଏ

"ଆପାର୍ଟମେଣ୍ଟରେ କୌଣସି କାର୍ଯ୍ୟକ୍ରମ ହେଉ କିମ୍ବା କୌଣସି ନୂତନ ଯୋଜନା ଆରମ୍ଭ ହେଉ ସବୁବେଳେ ବରିଷ୍ଠ ନାଗରିକଙ୍କ ମତାମତ ଲୋଡାଯାଏ। ସେମାନଙ୍କ ମତାମତ ନେବା ପରେ ସମସ୍ତଙ୍କ ସହ ଆଲୋଚନା କରାଯାଇ ତାହାକୁ କାର୍ଯ୍ୟକାରୀ କରାଯାଇଥାଏ। ବରିଷ୍ଠ ନାଗରିକମାନେ ସନ୍ଧ୍ୟାରେ ତାସ ଖେଳନ୍ତି। ଏଠାରେ ସେମାନେ ସମ୍ପୂର୍ଣ୍ଣ ସୁରକ୍ଷିତ। ପୁଅବୋହୂ ନ ଥିଲେ ବି ବରିଷ୍ଠ ନାଗରିକମାନେ ଆମ ସହ ମିଳିମିଶି ଚଳନ୍ତି।

- ପୂର୍ଣ୍ଣଚନ୍ଦ୍ର ମହାନ୍ତି, କୋଷାଧ୍ୟକ୍ଷ



## ମାର୍କେଟ୍‌ରେ ନୂଆ




### ଓପୋ ଏଫ୍‌୯, ଏଫ୍‌୯ ପ୍ରୋ

ପ୍ରମୁଖ ସ୍ମାର୍ଟଫୋନ୍ ନିର୍ମାତା ଓପୋ ପକ୍ଷରୁ ବଜାରକୁ ଆସିଛି ଏଫ୍‌୯ ଏବଂ ଏଫ୍‌୯ ପ୍ରୋ। ଉକ୍ତ ମଡେଲରେ ୬.୩ ଇଞ୍ଚର ଫୁଲ ଏଚ୍‌ଡି ୱାଟରଡ୍ରପ୍ ସ୍କ୍ରିନ୍, ନୋଚ୍ ଓଭର ଡିସ୍‌ପ୍ଲେ, ଆଣ୍ଡ୍ରଏଡ୍ ୮.୧ ଓରିଓ, ହିଲିଅସ୍ ପି୭୦ ପ୍ରୋସେସର ଏବଂ ୩,୫୦୦ ଏମ୍ଏଏଚ୍‌ର ବ୍ୟାଟେରି କ୍ଷମତା ସହ ଉନ୍ନତ କ୍ୟାମେରା ରହିଛି। ଓପୋ ଏଫ୍‌୯ ଏବଂ ଏଫ୍‌୯ ପ୍ରୋ ମଡେଲର ବଜାର ଦର ଯଥାକ୍ରମେ ୧୯,୯୯୦ ଏବଂ ୨୩,୯୯୦ ଟଙ୍କା ରହିଛି।

### ମାରୁତି ସୁଜୁକିର ପରିବର୍ତ୍ତିତ ସିଆଜ୍

ମାରୁତି ସୁଜୁକି ଇଣ୍ଡିଆ ପକ୍ଷରୁ ବଜାରକୁ ଆସିଛି ପରିବର୍ତ୍ତିତ ସିଆଜ୍। କମ୍ପାନୀର ସି-ସେଗ୍‌ମେଣ୍ଟରେ ଆସୁଥିବା ଉକ୍ତ ସେଡାନର ବଜାର ଦର ୮.୧୯ରୁ ୧୦.୭୯ଲକ୍ଷ ଟଙ୍କା ରହିଛି। ପୂର୍ବ ମଡେଲ ତୁଳନାରେ ଏଥିରେ ଉଭୟ ଭିଜୁଆଲ୍ ଏବଂ ମେକାନିକାଲ ସ୍ତରରେ ପରିବର୍ତ୍ତନ ହୋଇଛି। ସେହିଭଳି ଡାଇମେନଶନ, ଇଣ୍ଟେରିୟର, ଫିଚର ଦୃଷ୍ଟିକୋଣରୁ ଏହା ବେଶ ଉନ୍ନତ ବୋଲି କମ୍ପାନୀ ପ୍ରକାଶ କରିଛି।



# ନିରୁଜ୍ ରହେବାର ଲାଗି ଫିଦିନ୍ ଟେନିସ୍ ଖେଲ୍‌ସିଁ




## ନିଜ୍ କଥା

**ସତ୍ୟଜିତ ମହାନ୍ତି**

ଭୁବନେଶ୍ୱର-କଟକ ଦ୍ୱୈତନଗରୀର ଷଷ୍ଠ ପୋଲିସ କମିଶନର

**୧୯୮୮ ବ୍ୟାଚର ଆଇପିଏସ୍ ଅଫିସର ସତ୍ୟଜିତ ମହାନ୍ତି। ଏହେଦେ ଭୁବନେଶ୍ୱର-କଟକ ସହର୍‌ର ୬ଷ୍ଠ ପୁଲିସ କମିଶନର ହିସାବେ ଅଗଷ୍ଟ ୩ ତାରିଖ୍ ଦାଇତିଅ ନେଇଛନ୍। ସେ ଝନେ ଲେଖକ୍ ଭିଲ୍ ଆନ୍। ସେ ଇ ଭିତ୍‌ରେ ୫ଟା ବହି ଲେଖି ସାରିଛନ୍। ସେଭିତ୍‌ରୁ 'କମ୍ୟୁନିଟି ପୋଲିସ' ବହି ତାହାକୁ ରାଏଜ୍ ବାହାରେ ବି ପରିଚିତ୍ କରେଇଥିଲା। ପିଲାଦିନୁ ସିଭିଲ ସର୍ଭିସ୍ ପରୀକ୍ଷାରେ ସଫଲ ହେବାର ସପନ୍ ଦେଖୁଥିଲେ। ନିଜର ପରିଶ୍ରମ ବଲେ ସେ ସଫଲ୍ ବି ହେଲେ। ହେଲେ ସେ ଆଇପିଏସ୍ ପାଏବାର ଆଗ୍‌ରୁ ରେଲୱେ ଟ୍ରାଫିକ ସର୍ଭିସ୍‌ରେ ଯୋଗ୍‌ଦେଇଥିଲେ। ଆଇପିଏସ୍ ପାଏଲା ଉତାରୁ ସେ ଜୟପୁରରେ ଏଏସ୍‌ପି ଭାବେଁ ପୁଲିସ୍ ବିଭାଗ୍‌ରେ ନିଜର କ୍ୟାରିୟର ଆରମ୍ କରିଥିଲେ। ଇତାର ପରେ ସେ ପୁରୀରେ ଅତିରିକ୍ତ ଏସ୍‌ପପି, କୋରାପୁଟ, ରାଉରକେଲା, କଟକ, ବାଲେଶ୍ୱର, ଭିଜିଲାନ୍ସ ଏସ୍‌ପି ସମେତ ବହୁତ୍ ଉଚ୍ ପଦ୍‌ବୀରେ ରହି କାଯ୍‌ଭାର ସମ୍‌ଭାଲିଛନ୍। କେନ୍ଦ୍ରାପଡା ଜିଲାର ଦୁହୁରିଆ ପାସର ପାଣ୍ଡିରି ଗାଁରେ ଜନମ୍ ହେଇଥିବାର ଇ ପୁଲିସ୍ ଅଧିକାରୀଙ୍କର କେତେ ନିଜ୍ କଥା ଥାନିତ୍ ହେଇଛେ ଇ ହପ୍‌ତାର 'ନିଜ କଥା' କଲମ୍‌ରେ।**

**ଯେତେବେଲେ ଆଇପିଏସ୍ ପାଏଲେ, ଆପନ୍ କାଣା ଅନୁଭବ୍ କରିଥିଲେ?**

✪ମୁଇଁ ଖୁସ୍ ଥିଲି। ସ୍କୁଲ୍‌ରେ ପାଠ୍ ପଢ଼ଲାବେଲେ ସିଭିଲ ସର୍ଭିସ୍ କଥା ଚିନ୍‌ତା କରୁଥିଲି। ଯେନ୍‌ଦିନ ସିଭିଲ ସର୍ଭିସ୍ ପରୀକ୍ଷାରେ ପାସ୍‌କରି ଆଇପିଏସ୍ ପାଇଲି ସେଦିନ ବହୁତ୍ ଖୁସି ଲାଗିଥିଲା।

**ପହେଲା ଦରମା କାଣା କରିଥିଲେ?**

✪ମୁଇଁ ମୋର ଜେଜେ ମା' ଆର୍ ମା'ର ଲାଗି କିଛି ଉପହାର ଆନିଥିଲି।

**ଆପନ୍‌କର ଆଦର୍ଶ କିଏ?**

✪ମୋର ସେନ୍‌ତା କେହି ଆଦର୍ଶ ନାଁଇଁନ। ହେଲେ ମୁଇଁ ଭଗବାନ୍‌କଁର ଉପ୍‌ରେ ବିଶାସ୍ କର୍‌ସିଁ।

**ଚାକିରିର ଭିଡ୍‌ଭାଡ୍ ଭିତ୍‌ରେ ଲେଖାଲେଖି କେନ୍‌ଥେଇ କରୁଛନ୍?**

✪ମୁଇଁ ଯେନ୍ ବିଷେ ଉପ୍‌ରେ ଲେଖିବାର ଲାଗି ଥିର୍ କର୍‌ସିଁ, ସେ ବାବ୍‌ଦେ ବହୁତ୍ ଗବେଷନା କର୍‌ସିଁ। ପଛେ ସେ ଗବେଷନା ଆଧାର୍‌ରେ ଲେଖାଲେଖି କର୍‌ସିଁ। ବହୁତ୍ ସମିଆ ରାତିରେ ଲେଖାଲେଖି କର୍‌ସିଁ।

**ସିନେମା ଦେଖିସନ୍ କାଏଁ?**

✪ହଁ, ମତେ ସିନେମା ଦେଖିବାକେ ଭଲ୍ ଲାଗ୍‌ସି। ଭଲ ଫିଲ୍ମ ହେଇଥିଲେ କୁଟୁମ୍‌ବସିଆ ଦେଖିଯାଏସୁଁ। ଶେଷ ଥର ମୁଇଁ ମୋର କୁଟୁମ୍ ସଂଗେ ଫିଙ୍ଗ୍ ଫିଲ୍ମ ଦେଖିବାକେ ସିନେମା ହଲ୍ ଯାଇଥିଲି।

**ଗୀତ୍ ଶୁନ୍‌ସନ୍ କାଏଁ?**

✪ହଁ ଗୀତ୍ ଶୁନ୍‌ସିଁ, ମୋତେ ହିନ୍ଦୀ ଆର୍ ଓଡ଼ିଆର ପୁର୍‌ନା ଗୀତ୍ ଶୁନ୍‌ବାକେ ଭଲ୍ ଲାଗ୍‌ସି। ମୋତେ ଅକ୍ଷୟ ମହାନ୍ତିଙ୍କର 'ଚନ୍ଦ୍ର ମଲି ହସେ, ଚିତ୍ରଲେଖା ଓଠେ' ଗୀତ୍ ବହୁତ୍ ଭଲ୍ ଲାଗ୍‌ସି।

**ରାଁଧାବଢ଼ା ଜାନ୍‌ସନ୍ କାଏଁ?**

✪ହଁ, ମୁଇଁ ନିଜେ ଖାଏବାର ଲାଗି ଯାହା ଦର୍‌କାର ସେତ୍‌କି କରିପାର୍‌ମି। ବାହାରେ ରହି ପଢ଼ଲା ସମିଆରେ ନିଜେ ରାଁଧାବଢ଼ା କରି ଖାଉଥିଲି। ସେଦିନ୍‌ଠାନୁ ରାଁଧାବଢ଼ା ଶିଖିଛେଁ।

**ଲଭ୍ କି ଆରେଞ୍ଜ ମ୍ୟାରେଜ?**

✪ମୋର୍ ଆରେଞ୍ଜ ମ୍ୟାରେଜ।

**ମାଏକିନାର କେନ୍ ଗୁନ୍ ଆପନ୍‌କୁ ଭଲ୍ ଲାଗ୍‌ସି?**

✪ସେ ଆଁଖି ଡାକ୍‌ତର ଅଛନ୍। ତାକର ମନେ ଗରବ୍ ବଲ୍‌ବାରଟା ନାଁଇଁନ। ତାଁକର ଦରଦୀ ମନ୍‌ଭାବ୍‌ଟା ମତେ ବହୁତ୍ ଭଲ୍ ଲାଗ୍‌ସି।

**ଜୀବନ୍‌ର ହେନ୍‌ତା କିଛି ଅଭୁଲା ସୁଁର୍‌ତି?**

✪୧୯୯୯ ମହାବାତିଆ ସମିଆରେ ମୁଇଁ କଟକର ଏସ୍‌ପି ଥିଲି। ମହାବାତିଆର ଲାଗି ସବୁଆଡେ ପରିସ୍‌ଥିତି ବହୁତ୍ ଖରାପ୍ ଥାଏ। ଲୋକ୍‌ମାନେ ଖାଏବାର ପିଇବାର ଲାଗି ହାହାକାର ହେଇଯାଇଥିଲେ। ସରକାରଙ୍କର ଯେନ୍ ରିଲିଫ୍ ଆସୁଥିଲା ଲୋକ୍ ସେଟାକେ ଅଧାବାଟୁ ଲୁଟି ନେଉଥିଲେ। ସେ ସମିଆରେ ଆଇନ୍‌କାନୁନ୍ ଗୁଟେପର୍‌କାର ବିଫଲ୍ ହେଇଯାଇଥିଲା। କେନ୍‌ଥେଇ ଆଘର୍ ଥିତିକେ ଫିରେଇ ଆନିହେବା ସେଟା ମୋର ଲାଗି ଗୁଟେ ଚ୍ୟାଲେଞ୍ଜ ଥିଲା। ଏନ୍‌ତା କି କେନ୍ ଠାନ୍‌କେ ରିଲିଫ୍ ଯିବା, ସବୁ ଦାଇତିଅ ମୁଇଁ ବୁଝୁଥିଲି। ଶେଷେ ପରିସ୍‌ଥିତି ସୁଧିରିଥିଲା। ସେ ସମିଆର ଘଟ୍‌ନା ମୋର ଜୀବନ୍‌ରେ ଗୁଟେ ସୁଁର୍‌ତି ହେଇ ରହିଛେ।

**କେନ୍‌ତା ଡ୍ରେସ୍ ପିଁଧିବାକେ ଭଲ୍ ପାଏସନ୍?**

✪ବଏସ୍ ଅନ୍‌ସାରେ ରୁଚି ବଦ୍‌ଲିଛେ। ଏଭେ ଧଲା ରଂଗର ଡ୍ରେସ୍ ପିଁଧିବାକେ ଭଲ୍‌ଲାଗୁଛେ।

**ବୁଲିଥିବାର ଠାନ୍‌ମାନ୍‌କର ଭିତ୍‌ରୁ କେନ୍‌ଠାନ୍‌ଟା ଆପନ୍‌କୁ ଲୁଭେଇ ପାରିଛେ?**

✪ପାଖାପାଖି ସବୁ ଜାଗା ବୁଲିଛେଁ, ହେଲେ ମୋତେ କଶ୍ମୀର, ଲଦାଖ ଆର୍ ସିକିମ୍ ଭଲ୍ ଲାଗ୍‌ସି।

**ସିଭିଲ ସର୍ଭିସ୍ ଲାଗି ତିଆର ହେଉଥିବାର ଯୁବତୀଯୁବକ୍‌ମାନ୍‌କୁ ଆପନ୍ କାଣା କହେବେ?**

✪ସେମାନେ ସାଧାରନ୍ ଗିଆଁନ୍ ଉପ୍‌ରେ ଅଧିକା ଧିଆନ୍ ଦେଉନ୍। ଖବରକାଗଜ ପଢ଼ାପଢ଼ି କର୍‌ବାର ସଂଗେ ଭିନେ ଭିନେ ବହି ପଢୁନ୍। ପରିଶ୍‌ରମ୍ କରୁନ୍, ସଫଲ୍‌ତା ନିହାତି ମିଲ୍‌ବା।

**ଫିଟ୍ ରହେବାର ଲାଗି କାଣା କର୍‌ସନ୍?**

✪ନିଜକୁ ଫିଟ୍ ରଖିବାର ଲାଗି ଫିଦିନ୍ ମୁଇଁ ଟେନିସ୍ ଖେଲ୍‌ସିଁ। ରଏବାର ଦିନ ସାଇକେଲିଂ କର୍‌ସିଁ। ଇଥିରଲାଗି ମୋର ଶରୀର ନିରୁଜ୍ ରହେବାର ସଂଗେ ମନ୍‌ବି ପର୍‌ଫୁଲ୍ ରହିସି।

- ସାକ୍ଷାତ୍: ତ୍ରିନାଥ ମହାନ୍ତି



## ଫିଟ୍‌ନେସ୍

# ଥଁଡା ଖାଏଦ୍ ପାଏନ୍‌କୁ ଦୂରେଇ ରହେସିଁ

ନାୟକ ହେଉ କି ଖଲନାୟକ, ସବୁ ପର୍‌କାର ଚରିତ୍‌ରକେ ନିଖୁନ୍ ଭାବେ ଫୁଟେଇ ପାରୁଥିବାର ଅଭିନେତା ହେଉଛନ୍ ସମରେଶ ରାଉତରାୟ। ଉତ୍କଳ ସଂଗୀତ ମହାବିଦ୍ୟାଲୟ ଆର୍ ନ୍ୟାଶନାଲ୍ ସ୍କୁଲ୍ ଅଫ୍ ଡ୍ରାମାରେ ପଢ଼ଲା ଉତାରୁ ପହେଲା ହିନ୍ଦୀ ଚଲଚିତ୍‌ରରେ ଅଭିନଏ କରିଥିଲେ। ତାର୍‌ପରେ ଓଡ଼ିଶାକେ ଫିରି ଓଡ଼ିଆ ଚଲଚିତ୍‌ରରେ ନିଜର ଅଭିନଏର ଯାଦୁ ଦେଖେଇଥିଲେ। ଆଗ୍‌କେ 'ଇସ୍କ ପୁଣି ଥରେ' ଆର୍ 'ପ୍ରେମ ପାଇଁ ମହାଭାରତ' ଚଲଚିତ୍‌ରରେ ତାହାକୁ ଦେଖିବାକେ ମିଲ୍‌ବା। ସବୁବେଲେ କାମ୍‌ଧଁଦାଥି ବାଇ ରହୁଥିବାର ଇ ଅଭିନେତା ନିଜ୍‌କୁ ଫିଟ୍ ରଖିବାକେ ହର୍‌ମେଶା ସଚେତନ୍। ଆଗ୍‌ରୁ ଆଁଏଁଷା ଖାଉଥିଲେ ବି ଗଲା ବଛ୍‌ରେ ହେବା ସେ ଖାଲି ନିରାମିଷ୍ ଖାଏଦ୍ ଖାଉଛନ୍, ଯେନ୍‌ଟା କି ତାକର ଫିଟ୍‌ନେସ୍‌ର ବଡ୍ କାରନ୍ ବଲି ସେ କହିଛନ୍। ହେଲେ ଫିଦିନ୍ ସେ କେହେନ୍‌ସି ଏକ୍ସରସାଇଜ୍ ନାଇଁ କରନ୍। ଯେତେବେଲେ ତାହାକୁ ଲାଗ୍‌ସି କି ଉଜନ୍ ବଢ଼ିଯାଉଛେ ସେତେବେଲେ ୨/୩ ମାସ୍ ଲାଗି ସେ ଏକ୍ସରସାଇଜ୍ କର୍‌ସନ୍। ଚାଲ୍‌ବାକେ ଇଛା ଥିଲେ ବି କାମ୍‌ଧଁଦାର ଲାଗି ତାହାକୁ ଫୁର୍‌ସତ୍ ନାଇଁମିଲେ। ହେଲେ ଯେନ୍‌ଠାନ୍‌କେ ବି ଯାଏସନ୍ ସେଠାନୁ ଅଲପ୍ ଦୂରେ ଗାଡି ରଖି କାମ୍ ଜାଗାକେ ଚାଲି କରି ଯାଏସନ୍। ଘର୍‌ରାଁଧା ଖାଏଦ୍ ଖାଏବାକେ ଭଲ୍‌ପାଉଥିବାର ଇ ଅଭିନେତା ବ୍ରେକ୍‌ଫାଷ୍ଟରେ ଇଡ୍‌ଲି, ଦଲିଆ, ଉପମା, କର୍ନଫ୍ଲେକ୍ସ ଖାଏସନ୍। ଦିନ୍‌ବେଲା ଭାତ୍, ଡାଲି, ତରକାରୀ, ଭଜା ଖାଏସନ୍, ସେନ୍‌ତା ରାତିଥି ଦୁଇପଟ୍ ରୁଟି ସଂଗେ ସାଁଥିଲା କି ଭଜା ଖାଏସନ୍। ଜଙ୍କ୍‌ଫୁଡ୍ ଖାଏବାକେ ମୁଲ୍‌ହୁ ଭଲ୍ ନାଇଁ ପାଉଥିଲା ବେଲେ ଆଇସକ୍ରିମ୍ ଆର୍ କୋଲ୍ଡଡ୍ରିଙ୍କ ଠାନୁ ଦୂରେଇ ରହେସନ୍। ଥଁଡା ଖାଏଦ୍, ପାଏନ୍ ଲାଗି ଦିହିପା ଖରାପ ହେଉଥିବାର ଲାଗି ସେ ଛୋଟ୍‌ବେଲୁ ଇ ସବୁ ନାଇଁ ଖାଆନ୍।

– ରିପୋର୍ଟ: ବନ୍ଦନା ସେଠୀ



**ଧରିତ୍ରୀ ଆଲାପ**

**ସନ୍ମିରା ନଗେଶ**

ଏହେଦ୍‌କାର ସମିଆରେ ସିନେପେମୀଙ୍କର ଆକର୍‌ଷନ୍ ସାଜିଛନ୍ ଚୁଲ୍‌ବୁଲି ନାୟିକା ସନ୍‌ମିରା ନଗେଶ। ପିଲା ଦିନୁ ତାଁକର ମଡେଲିଂ ଉପ୍‌ରେ ଦୁର୍‌ବଲତା ଥିଲା। ମଡେଲିଂରେ କ୍ୟାରିୟର କର୍‌ବେ ବଲି ଭାବୁଥିଲେ। ସେଥିର୍‌ଲାଗି ଛୋଟ୍ ବେଲୁ ଭିନେ ଭିନେ ମଡେଲିଂ ପର୍‌ତିଯୋଗିତାରେ ଭାଂଗ୍‌ନେଉଥିଲେ। ହେଲେ ସଉଭାଏଗ୍‌କେ ତାହାକୁ ଶିଶୁ କଲାକାର ହିସାବେ ଓଡ଼ିଆ ଫିଲ୍ମରେ ଅଭିନଏ କର୍‌ବାର ସୁଯୋଗ୍ ମିଲିଗଲା, ଯେ ଏହେଦେ ଓଡ଼ିଆ ଚଲଚିତ୍‌ର ଦୁନିଆଁର ଚମକୁଥିବାର ଷ୍ଟାର ହେଇଯାଇଛନ୍। ସନ୍‌ମିରା ୨୦୦୯ରେ ‘ସୁନା ଚଢ଼େଇ ରୁପା ଚଢ଼େଇ’ ଫିଲ୍ମ ଜରିଆରେ ପହେଲା ନଜର ଆସିଥିଲେ। ଇତାର ପରେ ସେ ‘ଆକାଶେ କି ରଙ୍ଗ ଲାଗିଲା’, ‘ଆଲୋ ମୋର କଣ୍ଢେଇ’, ‘ଶପଥ’, ‘ପ୍ରେମ ରୋଗୀ’ ଲେଖେନ୍ ସୁପରହିଟ୍ ଫିଲ୍ମରେ ଶିଶୁ କଲାକାର ଭାବେ ଅଭିନଏ କରି ଦେଖନ୍‌ହାରିଙ୍କର ହୁରୁଦ୍ ଜିତିଛନ୍। ହେଲେ ପାଠ୍‌ପଢ଼ା ଲାଗି ସେ ଫିଲ୍ମ ଜଗତରୁ ଗ୍ୟାପ୍ ଚାହେଁଲେ। ମାଟ୍ରିକ୍ ପରୀକ୍ଷା ଶେଷ ହେଲା ଉତାରୁ ସେ ଓଡ଼ିଆ ଚଲଚିତ୍‌ର ଦୁନିଆଁକେ ଅଲଗ୍ ଢ଼ଂଗେ ଫିରିଥିଲେ। ହେଲେ ଶିଶୁ କଲାକାର ହିସାବେ ନୁହେ, ବରଂ ଲିଡ୍ ହିରୋଇନ୍ ଭାବେଁ। ଇଥିର୍‌ଲାଗି ସେ ପାଇଥିବାର ଅଫରକେ ଗର୍‌ହନ୍ କରିନେଇଥିଲେ। ୨୦୧୭ରେ ତାଁକର ପହେଲା ଫିଲ୍ମ ‘ସପନର ପଥେ ପଥେ’ ଆସିଥିଲା। ଇତାର ପରେ ସେ ‘ଲୈଲା’ ଚଲଚିତ୍‌ରରେ ଅଭିନଏ କରିଥିଲେ। ହେଲେ ‘ଲୈଲା ଓ ଲୈଲା’ ଚଲଚିତ୍‌ରର ଶୁକୁଟି ସାହୁ ଗୀତ୍ ଲାଗି ସେ ପପୁଲାର ହେଇଯାଇଥିଲେ। ନିଜର ଅଭିନଏ ଆର୍ ଡ୍ୟାନ୍ସର ଯାଦୁରେ ଦେଖନହାରିକର ଭଲପାଏବାର ସାଉଁଟିଥିବାର ଇ ନାୟିକାଙ୍କର ଘର୍ ହେଉଛେ ବାରିପଦା। କେତେଦିନ୍ ତଲେ ସନ୍‌ମିରାଙ୍କର ଅଭିନୀତ ଫିଲ୍ମ ‘ଲୋକାଲ ଟୋକା ଲଭ୍ ଚୋଖା’ ପରଦାକେ ଆସିଥିଲାବେଲେ ଆଉର ଗୁଟେ ଫିଲ୍ମ ‘ଲଭ୍ ଏକ୍ସପ୍ରେସ୍’ର ଶୁଟିଂରେ ସେ ବାଇ ଅଛନ୍। ଚଲଚିତ୍‌ର ସପ୍‌ତାହର ‘ଧରିତ୍ରୀ ଆଲାପ’ରେ ଇଥର ସନ୍‌ମିରାଙ୍କର ସଂଗେ ହେଇଥିବାର ଆଲପ୍ ଠାନ୍ ପାଇଛେ।



# ନୂଆଁ ନୂଆଁ ଷ୍ଟୋରିକେ ନେଇ ଫିଲ୍ମ ହେଉ

**ଶିଶୁ କଲାକାରରୁ ମୁଖିଆ ନାୟିକା ହେବାର ଅନୁଭବ୍‌ଟା କେନ୍‌ତା ଥିଲା?**

◈ବହୁତ୍ ଭଲ୍ ଥିଲା। ୨୦୧୧ରେ ମୁଇଁ ଚଲଚିତ୍‌ରରୁ ବ୍ରେକ୍ ନେଇଥିଲି। ୨୦୧୭ରେ ମୁଖିଆ ନାୟିକା ହିସାବେ ଇଣ୍ଡଷ୍ଟ୍ରିକେ କମ୍‌ବ୍ୟାକ୍ କଲି, ଯେନ୍‌ଟାକି ମୁଇଁ ଆଶ୍ ନାଇଁ କରିଥାଇ। ସ୍କ୍ରିନ୍ ଟେଷ୍ଟ ଲାଗି ସୁଶାନ୍ତ ମଣି ଡାକିଥିଲେ। ସେଥିରେ ମୁଇଁ ମନୋନୀତ୍ ହେଇଥିଲି। ତାଁକର ଦୁଇଟା ଫିଲ୍ମ ଲାଗି ମୁଇଁ ସାଇନ୍ କରିଥିଲି।

**ଛୋଟ୍ ବେଲେ ଅଭିନେତା ସ୍ୱରାଜଙ୍କର ସଂଗେ କାମ୍ କରିଥିଲେ। ତାଁକର ଅପୋଜିଟ୍‌ରେ କାମ୍ କର୍‌ବାର ଅନୁଭୂତି କେନ୍‌ତା ଥିଲା?**

◈ଯଦି ବି ଛୋଟବେଲେ ଆମେ ଏକାସଂଗେ ଅଭିନଏ କରିଥିଲୁଁ, ହେଲେ ତା’ପରେ ଆମେ କେଭେ ଭେଟ୍‌ଘାଟ୍ ନାଇଁହେଇ। ‘ଲୈଲା ଓ ଲୈଲା’ ଲାଗି ଯେନ୍‌ଦିନ ସ୍କ୍ରିନ ଟେଷ୍ଟ ଲାଗି ଆଏଲୁଁ ସେଦିନ ଭେଟ୍ ହେଇଥିଲୁଁ। ଆମର ଭିତ୍‌ରେ କୋଅର୍ଡିନେଶନ ବହୁତ ଭଲ ଥିଲା। ସବୁବେଲେ ସାଂଗ୍ ଲେଖେଁ ରହେସୁଁ।

**‘ଲୈଲା ଓ ଲୈଲା’ ଫିଲ୍ମର ଟାଇଟଲ ସଂଗ୍ ହେଉ କି ଶୁକୁଟି ସାହୁ ଗୀତ୍ ହେଉ ଆପନ୍ ଦୁହିଁଙ୍କର କୋଅର୍ଡିନେଶନ ଆର୍ ଡ୍ୟାନ୍ସ ଫର୍ମ ଦେଖନ୍‌ହାରିଙ୍କର ହୁରୁଦ୍ ଜିତିଥିଲା। ଇ ବାବ୍‌ଦେ କାଣା କହେବେ?**

◈ଡ୍ୟାନ୍ସରେ ମୁଇଁ ସବୁବେଲେ ମୋର ବେଷ୍ଟ ଦେବାକେ ଚେଷ୍ଟା କର୍‌ସିଁ। କୋରିଓଗ୍ରାଫରଙ୍କର ଉପ୍‌ରେ ମୁଇଁ ସବୁବେଲେ ନିର୍‌ଭର କର୍‌ସିଁ। ସେ ଯେତେ ଫ୍ରି ଛାଡ଼ସନ୍, ମୁଇଁ ସେତେ ଭଲ୍ କର୍‌ସିଁ। ଟାଇଟଲ ଟ୍ରାକ୍‌ରେ ସୁମନ୍ତ ସାର ଥିଲେ। ସେ ବହୁତ୍‌ଟେ ଜାଗାରେ ଆମକୁ ନିଜର ଓପିନିୟନ ଦେଇଛନ୍, ଯେନ୍‌ଥିର୍‌ଲାଗି ଡ୍ୟାନ୍ସ ଫର୍ମକେ ଧର୍‌ବାର ଲାଗି ବହୁତ୍ ସହଜ ହେଇଥିଲା। ଶୁକୁଟି ସାହୁରେ ଲବୁନ-ଟୁବୁନ କୋରିଓଗ୍ରାଫର ଥିଲେ। ସବୁ ଷ୍ଟେପ୍‌କେ ସେ କ୍ଲାରିଟି ସହିତ୍ ଦେଖାସନ୍। ଇତାର ସଂଗେ କୋ-ଆର୍ଟିଷ୍ଟ ବହୁତ୍ ଭଲ୍ ଥିଲେ। ତାଁକର ଏନର୍ଜେଟିକ୍ ଡ୍ୟାନ୍ସ ଦେଖି ମୋତେ ବହୁତ୍ ଭଲ ଡ୍ୟାନ୍ସ କର୍‌ବାକେ ଇଛା ହେଇଥିଲା।

**କେନ୍‌ତା କ୍ୟାରେକ୍ଟରରେ ଅଭିନଏ କର୍‌ବାର ଇଛା ଅଛେ?**

◈ଏଭ୍‌ତକ୍ ହେନ୍‌ତା କେହେନ୍‌ସି ଗୁଟେ ପର୍‌କାର କ୍ୟାରେକ୍ଟରରେ ଅଭିନଏ କର୍‌ମି ବଲି ନାଇଁ ଭାବି। ହେଲେ ମୁଇଁ ଚାହୁଁଛେଁ ଯାହା ବି ଅଫର ଆସୁଛେ ସବୁ ଭିନେ ଭିନେ ଚରିତ୍‌ର ଉପ୍‌ରେ ଆସୁ। ଯେନ୍‌ଥିର୍‌ଲାଗି ମୁଇଁ ନିଜ୍‌କେ ଏକ୍ସପେରିମେଣ୍ଟ କରିପାର୍‌ମି, ଯେନ୍‌ଥିରେ ମୋର ଗ୍ରୋ ହେଇପାର୍‌ବା। ଭିନେ ଭିନେ ଚରିତ୍‌ରରେ ଅଭିନଏ କଲେ ପର୍‌କୁତ୍‌ରେ ଅଭିନଏ କାଣା ସେଥିରୁ ଜାନିପାର୍‌ମି।

**ତୁମର ମନ୍‌ପସନ୍‌ର ଅଭିନେତ୍ରୀ କିଏ?**

◈ମହାଶ୍ୱେତା ରାୟ ଆର୍ ଅପରାଜିତା ମହାନ୍ତି। ଦୁହିଁଙ୍କର ଅଭିନଏ ମୋତେ ବହୁତ୍ ଭଲ୍‌ଲାଗ୍‌ସି।

**ଓଡ଼ିଆ ଇଣ୍ଡଷ୍ଟ୍ରିରେ କାଣା ପରିବର୍‌ତନ୍ ହେବାର କଥା ବଲି ଭାବୁଛନ୍ କାଏଁ?**

◈ନିହାତି ଭାବେ ହେବାର କଥା। ନୂଆଁ ଷ୍ଟୋରିକେ ନେଇ ଫିଲ୍ମ ହେବାର କଥା। ନୂଆଁ କନ୍‌ସେପ୍ଟକେ ନେଇ ଆର୍ ନୂଆଁ କ୍ୟାରେକ୍ଟର ରଖିବାର ଉଚିତ୍, ଯେନ୍‌ଥିର୍‌ଲାଗି ଓଡ଼ିଆ ଫିଲ୍ମ ଦେଖିବାକେ ଦର୍‌ଶକ୍‌ଙ୍କର ଆଗ୍‌ରହ ବଢ଼ବା।

**ରିଲ ଆର୍ ରିୟଲ ସନ୍‌ମିରା ଭିତ୍‌ରେ କାଣା ଫରକ୍ ଅଛେ?**

◈ରିଲ୍‌ରେ ଯେନ୍ ଚରିତ୍‌ର ଆମ୍‌କୁ ଦିଆଯାଏସି ସେଥିରେ ନିଜ୍‌କୁ ପରିବର୍‌ତନ୍ କର୍‌ସୁଁ। ହେଲେ ରିୟଲରେ ମୁଇଁ ବହୁତ୍ କମ୍ କଥା କହେବାକେ ପସନ୍ କର୍‌ସିଁ। ଚୁପ୍‌ଚାପ୍ ରହେବାକେ ଭଲ୍‌ଲାଗ୍‌ସି।

**ମଡେଲିଂରେ ଆଗ୍‌ରହ ଅଛେ। ଆଗ୍‌କେ ଇତାକେ ନେଇ କାଣା ଯୋଜ୍‌ନା ଅଛେ କାଏଁ?**

◈ତୁର୍‌ତୀଅ ଶ୍ରେଣୀରୁ ମୁଇଁ ବହୁତ୍‌ଟେ ମଡେଲିଂ ପର୍‌ତିଯୋଗିତାରେ ଭାଗ୍ ନେଇ କ୍ରାଉନ ପାଇଛେଁ। ଏହେଦ୍‌କା ବି ମୋର ଦୁର୍‌ବଲ୍‌ତା ଅଛେ। ହେଲେ ଦୁଇଟା କ୍ଷେତ୍‌ରରେ ଏକା ସଂଗେ କାମ୍ କର୍‌ବାର ସମ୍‌ଭବ୍ ବଲି ମୁଇଁ ବିଶାସ୍ ନାଇଁ କରେଁ। ଯେହେତୁ ଏହେଦେ ଫିଲ୍ମ ଉପ୍‌ରେ ମୁଇଁ ପୂରା ଫୋକସ୍ କରୁଛେଁ, ସେଥିର୍ କାଜେ ମଡେଲିଂ ଲାଗି ତିଆର ହେବାକେ ସମିଆ ନାଇଁ ମିଲ୍‌ବାର।

**କେନ୍‌ଥିରେ ରୁଚି ଅଛେ?**

◈ଡ୍ୟାନ୍ସିଂ, ଶପିଂ, ଗୀତ୍ ଗାଏବା ଆର୍ ଲେଖାଲେଖି କର୍‌ବାରେ।

**ମନ୍‌ପସନ୍‌ର ଖାଏଦ୍?**

◈ସବୁ ଘର୍ ରନ୍ଧା ଖାଏଦ୍ ଖାଏବାକେ ପସନ୍ କର୍‌ସିଁ। ହେଲେ ଚିକେନ୍‌ର ସବୁ ପର୍‌କାର ଆଇଟମ୍ ଖାଏବାକେ ଭଲ୍‌ଲାଗ୍‌ସି।

– ସାକ୍ଷାତ୍: ଅସମାପିକା ସାହୁ